# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**20th July - 2025**

************************************

*Desk*

## ଶକ୍ତିଶ୍ରୀ

ରାଜ୍ୟରେ ମହିଳାଙ୍କ ସମ୍ମାନ ଓ ସୁରକ୍ଷାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏ କ୍ଷେତ୍ରରେ ସରକାର ଅଣ-ଆଲୋଚନାଯୋଗ୍ୟ ନୀତି ଗ୍ରହଣ କରିଛନ୍ତି । ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି । ଶକ୍ତିଶ୍ରୀ ନାମରେ ନାମିତ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ୧୬ଟି ବିଶ୍ୱବିଦ୍ୟାଳୟଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ସାମିଲ୍ କରାଯିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

***Voice (CM)*** :.........

ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ ୮ଟି ପ୍ରମୁଖ ଦିଗ ଉପରେ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆଲୋକପାତ କରିଛନ୍ତି ।

*IPR*

## ପ୍ରଯୁକ୍ତିବିଦ୍ୟା ଉପଯୋଗ

ପ୍ରଯୁକ୍ତି ବିଦ୍ୟା ଉପଯୋଗ, ପ୍ରଣାଳୀଗତ ପ୍ରକ୍ରିୟାର ପୁନର୍ଗଠନ, ସେବାପ୍ରଦାନରେ ଆନ୍ତରିକତା ଏବଂ ସ୍ୱଚ୍ଛତା ଉପରେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବିଭାଗୀୟ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଏବଂ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ରାଜ୍ୟରେ ପଞ୍ଜୀକରଣ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଯାଇଛି । ମୌଳିକ ସେବା ପ୍ରଦାନ କ୍ଷେତ୍ରରେ ରାଜସ୍ୱ ଅଧିକାରୀ ନିଷ୍ଠାର ସହ କାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଥିରେ ଯୋଗଦେଇ ଗୃହନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ୨୦୩୬ ମସହି। ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ।

*Desk*

## ଅମୃତ ଭାରତ ଷ୍ଟେସନ

କେନ୍ଦ୍ର ରେଳ ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଗତକାଲି ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଦେଶର ରେଳଷ୍ଟେସନଗୁଡ଼ିକରେ ଅତ୍ୟାଧୁନିକ ବ୍ୟବସ୍ଥା ପ୍ରଦାନ କରିବାପାଇଁ କେନ୍ଦ୍ର

ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଏହି ଅବସରରେ ଆଲୋକପାତ କରିଛନ୍ତି । ବିକାଶ କାର୍ଯ୍ୟ ନେଇ ସନ୍ତୋଷ ପ୍ରକାଶ କରିବା ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଓଡ଼ିଶାରେ ରେଳ ବିକାଶପାଇଁ ପୂର୍ବବର୍ଷ ତୁଳନାରେ ୧୨ ଦଶମିକ ୫ ଗୁଣ ଅଧିକ ବଜେଟ୍ ଆବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୋମନ୍ନା କହିଛନ୍ତି ।

***IPR***

# ମାନବାଧିକାର ଅଭିଯୋଗ ଶୁଣାଣି

ଜାତୀୟ ମାନବାଧିକାର ଆୟୋଗଙ୍କ ପକ୍ଷରୁ ଭୁବନେଶ୍ୱରଠାରେ ଦୁଇଦିନିଆ ଅଭିଯୋଗ ଶୁଣାଣି ଶିବିରର ଆୟୋଜନ କରାଯାଇଛି । ଆସନ୍ତାକାଲି ଏବଂ ମଙ୍ଗଳବାର ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ମାନବାଧିକାର ଉଲ୍ଲଙ୍ଘନ ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି କରାଯିବ । ରାଜ୍ୟ ଅତିଥି ଭବନରେ ଆସନ୍ତାକାଲି ସକାଳ ୧୦ଟାରୁ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ ହେବ । ସମ୍ପୃକ୍ତ ରାଜ୍ୟର ପଦାଧିକାରୀ ଏବଂ ଅଭିଯୋଗକାରୀ ମାମଲା ଶୁଣାଣିରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ମାନବାଧିକାର ସମ୍ପର୍କରେ ଜନସଚେତନତା ବୃଦ୍ଧି ନେଇ ଆୟୋଗ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀଙ୍କ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

*Kendrapara/R*

## ବନ୍ୟାସ୍ଥିତି - ସମୀକ୍ଷା

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବନ୍ୟାଞ୍ଚଳର ସ୍ଥିତିନେଇ ସାଂସଦ ବୈଜୟନ୍ତ ପଣ୍ଡା ଗତକାଲି କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି । ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟନେଇ ଆଲୋଚନା କରିଛନ୍ତି । ଜଳବନ୍ଦୀ ଗ୍ରାମଗୁଡ଼ିକରେ ପ୍ରାଣୀସମ୍ପଦର ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଂସଦ ଶ୍ରୀ ପଣ୍ଡା ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଜଳଜୀବନ ମିଶନ ଅଧୀନରେ ନିର୍ମାଣାଧୀନ ବୃହତ୍ ପାନୀୟଜଳ ପ୍ରକଳ୍ପକୁ ସାଂସଦ ଶ୍ରୀ ପଣ୍ଡା ପରିଦର୍ଶନ କରିଥିଲେ ।

*Nabarangpur/R*

## ଉନ୍ନୟନ ପ୍ରକଳ୍ପ - ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ନବରଙ୍ଗପୁର ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି । ଗତସନ୍ଧ୍ୟାରେ ନବରଙ୍ଗପୁର ମିଶନ ଶକ୍ତି ହଲ୍‌ଠାରେ ଅନୁଷ୍ଠିତ ଏକ ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ନେଇ ମନ୍ତ୍ରୀ ଶ୍ରୀ ନାଏକ ସମୀକ୍ଷା କରିଛନ୍ତି । ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ଶେଷ

କରିବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବିଧାୟକ, ସାଂସଦ ପ୍ରତିନିଧି ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

***Desk***

# ଓ.ଟି.ଇ.ଟି. ସ୍ଥଗିତ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓ.ଟି.ଇ.ଟି.କୁ ବର୍ତ୍ତମାନପାଇଁ ସ୍ଥଗିତ ରଖାଯାଇଛି । ଆଜ ଏହି ପରୀକ୍ଷାପାଇଁ କାର୍ଯ୍ୟନିର୍ଘଣ୍ଟ ସ୍ଥିର ହୋଇଥିଲା । ସାମାଜିକ ଗଣମାଧ୍ୟମରେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ବୋର୍ଡ଼ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।

***Desk***

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ୫୪ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କନିଷ୍ଠ ଅଧ୍ୟାପକ ଅଧ୍ୟାପିକାଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଟଣୀ ଏବଂ ପାରଳାଖେମୁଣ୍ଡିଠାରେ ୪ ଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ହୋଇଥିଲା । ଭିନ୍ନ ଭିନ୍ନ ପ୍ରସଙ୍ଗ ଆଧାରରେ କନିଷ୍ଠ ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

***Bhadrak/R***

## ଚଢ଼ାଉ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ରେ ପ୍ରଶାସନ ଏବଂ କୃଷି ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବିପୁଳ ପରିମାଣର ନିମ୍ନମାନର ସାର ଏବଂ କୀଟନାଶକ ଔଷଧ ଜବତ କରାଯାଇଛି । ସେଠାରେ ନିମ୍ନମାନର ସାର ଏବଂ କୀଟନାଶକ ଔଷଧର କଳାବଜାରୀ ନେଇ ଅଭିଯୋଗ ଆଧାରରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି । କୀଟନାଶକ ଔଷଧର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Ganjam/R***

## ସାହାଣୀ କପ୍

ସାହାଣୀ କପ୍-୨୦୨୫ ଫୁଟ୍‌ବଲ ଚାମ୍ପିୟନ୍‌ସିପ୍ ବ୍ରହ୍ମପୁର ଜୋନ୍‌ର ଗତକାଲି ଚତୁର୍ଥ ଦିନ ଖେଳରେ କୋରାପୁଟ ଏବଂ ମୟୂରଭଞ୍ଜ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ କୋରାପୁଟ ୨-୦ ଗୋଲ୍‌ରେ

ମାଲକାନଗିରିକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ରାୟଗଡ଼ାକୁ ୯–୦ ଗୋଲ୍‌ରେ ପରାସ୍ତ କରି ମୟୂରଭଞ୍ଜ ବିଜୟୀ ହୋଇଛି ।

*****